

**୭ମ ବର୍ଷ ● ୫ମ ସଂଖ୍ୟା ● ଜାନୁଆରୀ ୨୦୧୮**

**ଆମ ମତ :** ଇଂରାଜୀ ନବବର୍ଷ ପାଳନ ଆମ ଓଡ଼ିଆ ସଂସ୍କୃତି ଉପରେ ଆଞ୍ଚ ଆଣୁଛି କି ?

**ନୂଆବର୍ଷ କଥା :** ସ୍ୱାଗତମ ନୂଆବର୍ଷ

**ନାଟକ :** ମାରିବେ ତ; ମାରି ଦିଅନ୍ତୁ

**କେମେଷ୍ଟ୍ରି କାହାଣୀ :** ସର୍ବବ୍ୟାପକ ଜଳର ଅନ୍ୟ ନାମ ଜୀବନ

**ଗପ :** ପୂଜାଛୁଟି ପରେ ସେଦିନ, ରାଜା ହେଲେ ଭିକାରି, ...

**କବିତା :** ନୂଆବରଷର ବନ୍ଧୁମିଳନ, ଆସିଛିରେ ଆଜି ନୂଆ ବରଷ, ...

ଏଥିସହିତ କୁନିକୁନାଙ୍କ ପାଠଶାଳା, ହସକଥା, ଖବର ଓ ଆହୁରି ଅନେକ ବିଭାଗ।

### ଆମ ମତ :

ନିକଟରେ ଆମେ ନବବର୍ଷ ୨୦୧୮କୁ ସ୍ୱାଗତ କରିସାରିଛୁ। ତେବେ ଇଂରାଜୀ ନବବର୍ଷ ପାଳନ କରିବାଦ୍ୱାରା ଆମେ ଓଡ଼ିଆ ନବବର୍ଷ ପାଳନ ପ୍ରତି ଅବହେଳା କରୁଛୁ କି ? ଏ ବିଷୟରେ ନିଜନିଜର ମତ ଉପସ୍ଥାପନା କରିଛନ୍ତି ଆମ କୁନାକୁନିମାନେ।

### ସ୍ୱାଗତମ ନୂଆବର୍ଷ

**ଲେଖକ : କେଦାର ପୃଷ୍ଟି**

ବିଭିନ୍ନ ଦେଶରେ ନୂଆବର୍ଷ କିପରି ପାଳନ କରାଯାଏ, ସେ ବିଷୟରେ ସଂକ୍ଷିପ୍ତ ଆଲୋଚନା କରାଯାଇଛି, ଏହି ଲେଖାଟି ମାଧ୍ୟମରେ।

### ଗପ: ପୂଜାଛୁଟି ପରେ ସେଦିନ

**ଲେଖକ: ଦାଶ ବେନହୁର**

ପୂଜାଛୁଟି ପରେ ଟୁପୁଲି ଓ ତା'ର ସାଙ୍ଗ ବିନୋଦ ସ୍କୁଲ୍ ପରିସରକୁ ପରିଷ୍କାର କରି ସମସ୍ତଙ୍କର କିପରି ପ୍ରଶଂସାର ପାତ୍ର ହୋଇଛନ୍ତି, ତାହା ହିଁ ଗପର ବିଷୟବସ୍ତୁ।

### ଗପ: ରାଜା ହେଲେ ଭିକାରି

**ଲେଖକ: ରମେଶ ପତ୍ରୀ**

ରାଜା ନିଜ ରାଜ୍ୟର ପ୍ରକୃତ ବିଦ୍ୱାନଙ୍କୁ ବାଛିବାକୁ ଯାଇ ଜାଣିଲେ ଯେ ଅଧିକାଂଶ ବିଦ୍ୱାନ୍ ହିଁ ଭିକାରି। ମାତ୍ର ଶେଷରେ ସେ ଯାହାକୁ ପାଇଲେ, ତାଙ୍କ ନିକଟରେ ରାଜାଙ୍କୁ ଭିକାରି ହେବାକୁ ପଡ଼ିଲା। ଏହା ହିଁ ଗପର ବିଷୟବସ୍ତୁ।

### ଗପ: ମାମାର ଫୁଲ ବଗିଚା

**ଲେଖକ : କୃତ୍ତିବାସ ନାୟକ**

ଏହି ଗପଟି ମାଧ୍ୟମରେ, ମାମା କିପରି ତା'ର ସାଙ୍ଗମାନଙ୍କୁ ଫୁଲ ବଗିଚା ସୃଷ୍ଟି କରିବାରେ ସହଯୋଗ କରିଛି ତାହାହିଁ ଦର୍ଶାଇ ଦିଆଯାଇଛି।

### ଗପ: ଶୃଗାଳର ମନକଥା

**ଲେଖିକା: ପ୍ରଭାତୀ ମିଶ୍ର**

ଏହି ଗପଟିରେ ଶୃଗାଳ ବିଷୟରେ ବିଭିନ୍ନ ଗପ ଓ ବର୍ତ୍ତମାନ ଶୃଗାଳର ଅବସ୍ଥା ସମ୍ପର୍କରେ ଲେଖିକା ଦଶାଇଛନ୍ତି।

### ଗପ: ଉପକାରୀ ସାଙ୍ଗ, ହଙ୍ଗ୍

**ଲେଖିକା : ନିରୁପମା ଆଚାର୍ଯ୍ୟ।**

ହଙ୍ଗ୍ ଦୁର୍ବଳିଆ ପିଲାଟିଏ ହେଲେ ମଧ୍ୟ ନିଜର ସାଙ୍ଗକୁ କିପରି ରକ୍ତଦାନ କରି ବଞ୍ଚାଇ ଦେଲା, ତାହାହିଁ ଗପର ବିଷୟବସ୍ତୁ।

### ଗପ: ଜଣେ ଚିକିତ୍ସକଙ୍କ କଥା

**ଲେଖକ: ଶ୍ରୀରାମଚନ୍ଦ୍ର ଦାଶ (ମଳୟ)**

ଜଣେ ଚିକିତ୍ସକ କେବଳ ଚିକିତ୍ସା କରନ୍ତି ନାହିଁ, ଅର୍ଥ ମଧ୍ୟ ମହାୟତା କରନ୍ତି ତାହାହିଁ ଗପଟିରେ ଦର୍ଶାଇ ଦିଆଯାଇଛି।

**ନାଟକ: ମାରିବେ ତ; ମାରି ଦିଅନ୍ତୁ**

**ଲେଖକ : ହେମନ୍ତ କୁମାର ଛୋଟରାୟ**

ବିହାର ରାଜ୍ୟର ଚମ୍ପାରଣ ଜିଲ୍ଲାରେ କୃଷକ ଆନ୍ଦୋଳନ ସମୟର ବିଷୟବସ୍ତୁକୁ ନେଇ ଏହି ନାଟକଟି ରଚିତ, ଯେଉଁଥିରେ ଗାନ୍ଧିଜୀଙ୍କ ସାହସ ସମ୍ପର୍କରେ ହିଁ ଆଲୋକପାତ କରାଯାଇଛି।

**କବିତା : ନୂଆବରଷର ବନ୍ଧୁମିଳନ**

**ଲେଖକ : ପ୍ରଫୁଲ୍ଲ କୁମାର ସାହୁ**

ପ୍ରତିବର୍ଷ 'କାଦମ୍ବିନୀ' ଦ୍ୱାରା ଆୟୋଜନ ହୋଇଥାଏ ପତ୍ରିକା ହାଟ। ଏହି ବିଷୟରେ କବିତାଟି ରଚନା କରାଯାଇଛି।

**କବିତା : ଆସିଛିରେ ଆଜି ନୂଆ ବରଷ**

**ଲେଖକ: ଲିଙ୍ଗରାଜ ରଥ**

ନୂଆବର୍ଷକୁ ସ୍ୱାଗତ କରି କବିତାଟି ରଚିତ।

**କବିତା : ଜାନୁଆରୀ ମାସ ବଡ଼ ସରସ**

**ଲେଖକ : କୁଞ୍ଜବିହାରୀ ସାହୁ**

ଜାନୁଆରୀ ମାସ, ନୂଆବର୍ଷର ପ୍ରଥମ ମାସ, ଏହାକୁ ବିଷୟକରି କବିତାଟି ରଚିତ।

**କବିତା : ସବୁଠାରୁ ବଡ଼ କିଏ**

**ଲେଖିକା : କୁମୁଦଲତା ମହାନ୍ତି**

ପ୍ରକୃତରେ କିଏ ବଡ଼, ତାହାହିଁ ଏହି କବିତାଟି ମାଧ୍ୟମରେ ବତାଇ ଦିଆଯାଇଛି।

**କବିତା : ଯାନବାହନ**

**ଲେଖକ : ସୁବାସ ଚନ୍ଦ୍ର ମିଶ୍ର**

ପୁରାତନ ଯୁଗରୁ ଆଜି ପର୍ଯ୍ୟନ୍ତ ମଣିଷ କିପରି ଯାନବାହନର ବିକାଶ କରିପାରିଛି, ସେସମ୍ପର୍କରେ କବିତାଟି ଆଲୋଚନା କରାଯାଇଛି।

**କବିତା : ଜଗତେ ରଖିଲା ନାଁ**

**ଲେଖିକା : ଲଳିତା ଜେନା**

କୋଣାର୍କ ମନ୍ଦିରର ମୁଣ୍ଡି ମାରିଥିଲା ଧରମା। ତାହାରି ସମ୍ପର୍କରେ କବିତାଟି।

**କବିତା : ପନିପରିବା ମୋ କାଳ**

**କୁନିଲେଖିକା : ନିକିତା ମହାରଣା**

ପିଲାଙ୍କୁ ପରିବାପତ୍ର ଖାଇବାକୁ ଭଲ ଲାଗେ ନାହିଁ। ଏହି ବିଷୟବସ୍ତୁକୁ ଆଧାର କରି କବିତାଟି ରଚିତ।

**କେମେଷ୍ଟ୍ରି କାହାଣୀ : ମୃତ୍ୟୁର ତିନ ଶତାବ୍ଦୀ ପରେ ରୋଗ ନିରୂପଣ**

**ଲେଖକ : ନିତ୍ୟାନନ୍ଦ ପଣ୍ଡା**

ନିଉଟନଙ୍କ ମୃତ୍ୟୁର ତିନିଶହ ବର୍ଷ ପରେ, ସେ କିପରି ମୃତ୍ୟୁବରଣ କଲେ ତାହାହିଁ ଏହି ଲେଖାଟି ମାଧ୍ୟମରେ ସୂଚାଇ ଦିଆଯାଇଛି।

**କୁନାକୁନିଙ୍କ ରୋଷେଇ : ଛତୁ**

**ଲେଖିକା : ଅସ୍ମିତା ମହାନ୍ତି**

ଛତୁକୁ ନେଇ ପିଲାମାନେ କ'ଣ କ'ଣ ଖାଦ୍ୟ ପ୍ରସ୍ତୁତ କରିପାରିବେ, ସେ ବିଷୟରେ ଲେଖାଟିରେ ସୂଚାଇ ଦିଆଯାଇଛି।

**ଆସ ବୁଲିଯିବା : ମା' ତାରାତାରିଣୀ ପୀଠ**

ବ୍ରହ୍ମପୁରଠାରୁ ୩୫ କି.ମି. ଉତ୍ତର ଦିଗରେ ଥିବା ମା' ତାରାତାରିଣୀଙ୍କ ପୀଠ ବିଷୟରେ ସଂକ୍ଷିପ୍ତ ସୂଚନା ରହିଛି ଏହି ଲେଖାଟିରେ।

**ରାଜ୍ୟ ଖବର:**

ମମତାଙ୍କୁ ଜାତୀୟ ସାହସିକତା ପୁରସ୍କାର, କବି ରବି ସିଂଙ୍କୁ ଅତିବଡ଼ୀ ସମ୍ମାନ ଓ ସ୍କୁଲ ପିଲାଙ୍କୁ ମିଳିବ ମାଗଣାରେ ଦୁଗ୍ଧ।

**ତୁମ ପାଇଁ ଖବର**

ପିଲାମାନଙ୍କର ଶୋଇବା ପାଇଁ କେତେ ସମୟ ଆବଶ୍ୟକ, କୁକୁରଙ୍କର ମଧ ରହିଛି ଭାବ ପ୍ରକାଶର ଭାଷା, ଛେଳି ପାଇଁ ସ୍ୱତନ୍ତ୍ର ଗମ୍ବୁଜ, ହର୍ଣ୍ଣ ନ ବଜାଇ ପୁରସ୍କୃତ, ବାଘ-ସିଂହକୁ ମାରିପାରେ; ଓଟପକ୍ଷୀ ଓ ବିନା ବିମାନରେ ୨୦୧ ଦେଶ ଭ୍ରମଣ।

**ଖେଳ ଖବର**

ବିଶ୍ୱ ହକି ଲିଗ୍; ବିଜେତା ଅ...ଆ...ଇ... ଓ ଏସୀୟ ଶକ୍ତି ଉତ୍ତୋଳନରେ ଓଡ଼ିଆ ଝିଅଙ୍କୁ ସ୍ୱର୍ଣ୍ଣ।

**ଚଳଚ୍ଚିତ୍ର ଖବର**

ପୁଣି ଆସିବ ଜୁରାସିକ୍ ସିରିଜ୍ ଚଳଚ୍ଚିତ୍ର, ବାହୁବଳୀ ସେଟ୍ ବିକ୍ରି ହୋଇଥିଲା ୫କୋଟିରେ ଓ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅଟୋଗ୍ରାଫ୍'; ପପୁ ସଙ୍ଗୀତ ନିର୍ଦ୍ଦେଶକ।

**ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :**

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୪୬', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■